# ସହରରେ ଲାଗିବ ୭୫୦ ସିସିଟିଭି

- ସମୀକ୍ଷା କଲେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି
- ଦୁର୍ଦ୍ଦାନ୍ତ ଅପରାଧୀଙ୍କ ତଥ୍ୟ ସଂଗ୍ରହ କରାଯିବ
- ପୁରୁଣା ମାମଲାର ରହସ୍ୟ ଉନ୍ମୋଚନ ହେବ


ଖବରଦାତା ସମ୍ମିଳନୀରେ ଡିଆଇଜି ଏବଂ ଏସ୍‌ପି।

ଢେଙ୍କାନାଳ ଅଫିସ, ୨୮।୪

ଢେଙ୍କାନାଳରେ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ସାରା ସହରରେ ୭୫୦ଟି ସିସିଟିଭି କ୍ୟାମେରା ଲଗାଯିବ। ୨୦୨୪ ନିର୍ବାଚନ ପୂର୍ବରୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସମ୍ପର୍କରେ ପୂର୍ଣ୍ଣାଙ୍ଗ ତଥ୍ୟ ସଂଗ୍ରହ କରାଯିବ। ୬-୭ ବର୍ଷ ତଳର ପ୍ରାୟ ୭ଟି ପୁରୁଣା ମାମଲାର ରହସ୍ୟ ଖୁବ୍‌ଶୀଘ୍ର ଉନ୍ମୋଚନ ହେବ। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଶୁକ୍ରବାର ଟାଉନ ଥାନା ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ଏହି ସୂଚନା ଦେଇଛନ୍ତି।

ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ଅପରାହ୍ନ ୨ଟାରେ ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଆଇଜି ଗଣମାଧ୍ୟମକୁ ସୂଚନା ଦେଇ କହିଲେ, ଟାଉନ ଥାନା ଅଞ୍ଚଳର ବିଭିନ୍ନ ଆପରାଧିକ ମାମଲାର ସମୀକ୍ଷା କରାଯାଇଛି। ପୁରୁଣା ମାମଲାଗୁଡ଼ିକ କିପରି ଫର୍ଦ୍ଦାଫାଶ ହେବ ସେ ନେଇ ଏସ୍‌ପିଙ୍କ ନେତୃତ୍ୱରେ କାର୍ଯ୍ୟ ଜାରିରହିଛି। ସହରରେ ଆତଙ୍କ ସୃଷ୍ଟି କରୁଥିବା ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖାଯିବ। ଆବଶ୍ୟକ ସ୍ଥଳେ ସେମାନଙ୍କ ଜାମିନ ରଦ୍ଦ ସମ୍ପର୍କରେ ମଧ୍ୟ ପଦକ୍ଷେପ ନିଆଯିବ। ଆଇନଶୃଙ୍ଖଳା ସଜାଡ଼ିବା ପାଇଁ ଢେଙ୍କାନାଳ ସହରରେ ପ୍ରାୟ ୭୫୦ ସିସିଟିଭି କ୍ୟାମେରା ଲାଗିବ। ପିପିପି ମୋଡ୍‌ରେ ହେଉ କିମ୍ବା ଏଥିଲାଗି ଅନୁଦାନ ଯୋଗାଡ଼ କରାଯିବ। ବିଭିନ୍ନ ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିବା ୬୦ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ଜବରଦଖଲ ହଟାଇବା ଏବଂ ବିବାହ ଶୋଭାଯାତ୍ରା ବେଳେ ଶବ୍ଦ ପ୍ରଦୂଷଣକୁ ରୋକିବା ଲାଗି ପଦକ୍ଷେପ ନେବାକୁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ କନଷ୍ଟେବଲ୍ ନିଯୁକ୍ତି ପାଇବା ପରେ ସେମାନଙ୍କୁ ଟ୍ରାଫିକ୍ ସମସ୍ୟାର ସମାଧାନ ଲାଗି ନିୟୋଜିତ କରାଯିବ। ଢେଙ୍କାନାଳ ସହରବାସୀଙ୍କୁ ପୋଲିସ ପକ୍ଷରୁ ଉନ୍ନତ ସେବା ଯୋଗାଇ ଦେବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଡିଆଇଜି କହିଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁମୋଦନ ଅପେକ୍ଷାରେ ମଡେଲ ଥାନା ପ୍ରସ୍ତାବ

ଢେଙ୍କାନାଳ ଟାଉନ ଥାନାକୁ ମଡେଲ ଥାନାରେ ପରିଣତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହା ଅନୁମୋଦନ ଅପେକ୍ଷାରେ ରହିଛି। ପ୍ରସ୍ତାବ ପାରିତ ହେଲେ ସାଢ଼େ ୩ କୋଟି ଟଙ୍କା ବ୍ୟୟରେ ମଡେଲ ଥାନା ନିର୍ମାଣ ହେବ। ରାଜରାଜୁଡ଼ା ଅମଳର ପୁରୁଣା କୋଠାକୁ ଭାଙ୍ଗି ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶ କରାଯିବ। ଥାନାକୁ ବିଭିନ୍ନ ସମୟରେ ଆସୁଥିବା ଅଭିଯୋଗକାରୀ, ମହିଳା, ଶିଶୁଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ ହେବ। କମ୍ପ୍ୟୁଟର ମାଧ୍ୟମରେ ମାମଲା ପଞ୍ଜୀକୃତ ହେବ। ଏହାର ନକଲ ମଧ୍ୟ ପ୍ରଦାନ କରାଯିବ। ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ନିଆଯିବା ପାଇଁ ବ୍ୟବସ୍ଥା ରହିବ ବୋଲି ଡିଆଇଜି ରାୟ ସୂଚନା ଦେଇଛନ୍ତି।

# ଧରାପଡୁନାହାନ୍ତି ଅଭିଯୁକ୍ତ

### ମନୋଜ ବିଶ୍ୱାଳ ହତ୍ୟାକାଣ୍ଡ ମାମଲା

ପରଜଙ୍ଗ, ୨୮।୪(ଡି.ଏନ୍.ଏ.)


ମୃତ ମନୋଜ ବିଶ୍ୱାଳ।

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବସୋଇ ଗ୍ରାମର ବହୁଚର୍ଚ୍ଚିତ ମନୋଜ ବିଶ୍ୱାଳ ହତ୍ୟାକାଣ୍ଡକୁ ୩ଦିନ ବିତିଯାଇଥିବାବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ନ ପାରିବା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଗତ ମଙ୍ଗଳବାର ସନ୍ଧ୍ୟାରେ ମନୋଜ ବାଇକ୍‌ରେ ଅଁଳାକଟା ଗ୍ରାମରେ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିଲେ। ବୁଧବାର ସକାଳେ ତାଙ୍କର କ୍ଷତାକ୍ତ ମୃତଦେହ ଗାଁ ପାଖ କାଜୁ ବଗିଚାରୁ ଠାବ କରାଯାଇଥିଲା। ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଛି ଏବଂ ଏଥିରେ ଗ୍ରାମର ଏକ ପରିବାରର ୪ ସଦସ୍ୟଙ୍କ ସମ୍ପୃକ୍ତି ରହିଥିବା ମୃତ ମନୋଜଙ୍କ ବଡ଼ଭାଇ ସରୋଜ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଥିଲା। ହେଲେ ଅଦ୍ୟାବଧି ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ। ମନୋଜ ହତ୍ୟାକାଣ୍ଡ ପୂର୍ବରୁ ତାଙ୍କ ବଡ଼ଭାଇ ସରୋଜଙ୍କୁ ସମ୍ପୃକ୍ତ ପରିବାର ଲୋକେ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ହାତ ବାନ୍ଧି ବସିଥିଲା। ଏବେ ମନୋଜ ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ପରିବାର କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପୋଲିସ ପାଇଁ ଚାଲେଞ୍ଜ ପାଲଟିଛି। ଏ ନେଇ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର କୁହନ୍ତି, ଅନୁସନ୍ଧାନ ଜାରି ରହିଛି। ଖୁବ୍‌ଶୀଘ୍ର ଘଟଣାର ରହସ୍ୟ ଉନ୍ମୋଚନ ହେବ।

# ଗୋବରୀ, ଉତ୍ତରାସ ନାଳରେ ହେବ ସେତୁ


ସେତୁ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

ପରଜଙ୍ଗ, ୨୮।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଗୋବରି ଏବଂ ଉତ୍ତରାସ ନାଳରେ ନିର୍ମାଣ ହେବ ବିଜୁ ସେତୁ। ଏଥିଲାଗି ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବିଧାୟକ ଡା. ନୃସିଂହଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ସେତୁର ଶିଳାନ୍ୟାସ କରିଥିଲେ। ପଥରଗଡ଼-ଗୁଣ୍ଡୁଳିପଶି ରାସ୍ତା ମଧ୍ୟରେ ପ୍ରବାହିତ ଗୋବରି ନାଳ ଉପରେ ପ୍ରସ୍ତାବିତ ସେତୁ ପାଇଁ ୨କୋଟି ୪୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ସେହିପରି ବାମ୍ ପଞ୍ଚାୟତ ପଥରଗଡ଼ ରାସ୍ତାର ଉତ୍ତରାସ ମୁଖ୍ୟ ନାଳ ଉପରେ ୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ସେତୁ ନିର୍ମାଣ କରାଯିବାକୁ ଯୋଜନା ହୋଇଛି।

ସୂଚନାଯୋଗ୍ୟ, ଉକ୍ତ ଦୁଇ ନାଳ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଗମନାଗମନରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ସେତୁ ନ ଥିବାରୁ ବର୍ଷାଦିନେ ନାଳ ଫୁଲିଲେ ଲୋକମାନେ ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ ହୋଇପଡୁଛନ୍ତି। ଜରୁରୀ ସମୟରେ ଜୀବନକୁ ବାଜି ଲଗାଇ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଆଦିବାସୀବହୁଳ ଏହି ଅଞ୍ଚଳରେ ଦୁଇ ସେତୁ ଜରୁରୀ ହୋଇପଡ଼ିଥିବାବେଳେ ରାଜ୍ୟ ସରକାର ଏଥିଲାଗି ସବୁଜ ସଙ୍କେତ ଦେଇଛନ୍ତି। ସେତୁ ନିର୍ମାଣ ହେଲେ ଗୋବରୀ, ଗୁଣ୍ଡୁରିପଶି, କଣ୍ଟାପାଳ, ଝିଲି, ପଥରଗଡ଼, ପାଟକମୁଣ୍ଡା, ବାମ୍, ଡୁଲିଆ ଆଦି ଗ୍ରାମର ବାସିନ୍ଦା ଉପକୃତ ହେବେ ବୋଲି ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଉପଲକ୍ଷେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଜିଲା ପରିଷଦ ସଭ୍ୟ ରବି ପ୍ରଧାନ, ରୀନା ହେଁସା, ସମିତିସଭ୍ୟା ଲକ୍ଷ୍ମୀ ହେଁସା ପ୍ରମୁଖ ମଞ୍ଚାସୀନ ଥିଲେ। ପରଜଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, 'ଆମ୍ବା' ଅଧ୍ୟକ୍ଷ ଅକ୍ଷୟ ବେହେରା, କଙ୍କଡ଼ାହାଡ଼ ବ୍ଲକ ବିଜେଡି ସଭାପତି ତାପସ ପାଣି, ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଅମିତ୍ ପ୍ରସନ୍ନ କିରୋ, ଏସ୍‌ଡିଓ ଇତିଶ୍ରୀ ସାହୁ, କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ଧଳ, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଭାଷା ବଞ୍ଚିଲେ ଜାତି ବଞ୍ଚିବ'

### ମଧୁସୂଦନଙ୍କ ଜୟନ୍ତୀ ପାଳିତ

ଢେଙ୍କାନାଳ ଅଫିସ, ୨୮।୪

ମାତୃଭାଷା ଆମର ମା'। ମାତୃଭାଷା ଓ ମା' ପ୍ରତି କର୍ତ୍ତବ୍ୟ ପାଳନ କରିବା ସମସ୍ତଙ୍କ ଦାୟିତ୍ୱ। ଭାଷାକୁ ହୃଦୟରୁ ଆହ୍ୱାନ କରିବାକୁ ପଡ଼ିବ। ଭାଷା ବଞ୍ଚିଲେ ଜାତି ବଞ୍ଚିବ। ମଧୁବାବୁ ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଓଡ଼ିଆଙ୍କ ମଧ୍ୟରେ ସ୍ୱଦେଶୀ ଭାବନା ଜାଗ୍ରତ କରାଇଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଷା ଓ ଜାତିକୁ ସମୃଦ୍ଧ କରାଇପାରିଲେ, ତାହା ହିଁ ହେବ ମଧୁବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଢେଙ୍କାନାଳ ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏଭଳି ଆହ୍ୱାନ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଜିଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତି କହିଲେ, ମଧୁବାବୁ ଥିଲେ ଭିନ୍ନ ମଣିଷ। ଉଦାରତା, ସ୍ପଷ୍ଟବାଦିତା ଓ ଆଦର୍ଶକୁ ପାଥେୟ କରି ସେ ଓଡ଼ିଆ ଜାତିର ଟେକ ରଖିଥିଲେ। ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ମଧୁବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ସୂଚନା ଦେଇଥିଲେ। ଦୃଷ୍ଟିକୋଣ ବଦଳାଇଲେ ଆମେ ଆମ ଭିତରେ ମଧୁବାବୁଙ୍କ ଭଳି ଆଦର୍ଶ ଲୋକ ପାଇପାରିବା ବୋଲି ସେ କହିଥିଲେ।

ଏହି ଅବସରରେ ୫୫ଜଣ ଦିବଂଗତ ଆଇନଜୀବୀଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପୃକ୍ତ ଆଇନଜୀବୀଙ୍କ ପରିବାର ଏହାକୁ ଗ୍ରହଣ କରିଥିଲେ। ଏଥିସହ ଓକିଲ ସଂଘର ପୂର୍ବତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ନବୀନଚନ୍ଦ୍ର ନାରାୟଣ ଦାସ, ପତିତପାବନ ମହାପାତ୍ର, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ବିମଳେନ୍ଦୁ ମହାପାତ୍ର, ସତ୍ୟପ୍ରିୟ ଶରଣ, ଶିବସାଇ ମହାପାତ୍ର, ନବକିଶୋର ଗୁରୁ, ଦେବାଶିଷ ମିଶ୍ର, କିଷାନ ବିଶ୍ୱାଳ, ପତିତପାବନ ମିଶ୍ର, ଓକିଲ ସଂଘ ଉପସଭାପତି ସରୋଜ ପାଢ଼ୀ, ଯୁଗ୍ମ ସମ୍ପାଦକ ଅନନ୍ତ ସାହୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାଉତ, ମଳୟ ପାଣିଗ୍ରାହୀ, ଶକ୍ତିକେଶରୀ ପ୍ରତାପଦେବ, ପ୍ରେମାନନ୍ଦ ବିହାରୀ, ସୁବାସିନୀ ମହାକୁଡ, ସାଇଶ୍ରୀ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଓକିଲଙ୍କ ଦ୍ୱାରା 'ସାଧୁ ସାବଧାନ' ଏବଂ ମହିଳା ଓକିଲଙ୍କ ଦ୍ୱାରା 'ଭୂତୋଦ୍ଧାର' ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏଥିପୂର୍ବରୁ ଜିଲା ସିଭିଲ କୋର୍ଟ ନିକଟରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ହାଇକୋର୍ଟ ବିଚାରପତି, ଜିଲା ଦୌରାଜଜ୍, ଅଦାଲତର ବିଚାରପତିଗଣ, ଓକିଲ ସଂଘ କର୍ମକର୍ତ୍ତା ଓ ଜିଲାପାଳ ସରୋଜ କୁମାର ସେଠୀ ମାଲ୍ୟାର୍ପଣ କରିଥିଲେ।





ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ (ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତି, ଆଇନଜୀବୀଙ୍କ ସମେତ ଅନ୍ୟମାନେ।

# ଜାଗା ମିଶନରେ ଅନ୍ତର୍ଭୁକ୍ତ କର


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଯଦୁପତି ବିହାରବାସୀ।

### ଯଦୁପତି ବିହାରବାସୀଙ୍କ ଦାବି

ଢେଙ୍କାନାଳ ଅଫିସ, ୨୮।୪

ଢେଙ୍କାନାଳ ପୌରାଞ୍ଚଳ ୯ନଂ. ୱାର୍ଡ ଅଧୀନ ଯଦୁପତି ବିହାର ଅଞ୍ଚଳବାସୀଙ୍କୁ ଜାଗା ମିଶନରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହୋଇଛି। ଏ ନେଇ ସେମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଯଦୁପତି ବିହାର ବସ୍ତିବାସିନ୍ଦା ଦୀର୍ଘବର୍ଷ ହେଲା ସରକାରୀ ଜମିରେ ରହି ଆସୁଛନ୍ତି। ସେମାନଙ୍କୁ ପୌରସଂସ୍ଥା ପକ୍ଷରୁ ଜାଗା ମିଶନରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଫଳରେ ସେମାନେ ଭୂ-ଅଧିକାର ପ୍ରମାଣପତ୍ର ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହିଛନ୍ତି। ଓଡ଼ିଶା ବସ୍ତି ବାସିନ୍ଦା ଭୂଅଧିକାର ନିୟମ-୨୦୧୭ ଅନୁଯାୟୀ ଜାଗା ମିଶନରେ ସାମିଲ କରିବା ପାଇଁ ରୁନିଆ ନାଏକ, ହିବିଶି ଜେନା, ସଙ୍ଗୀତା ଜେନା, ଝିଲି ଜେନା, ମାମିନା ଜେନା, ରଶ୍ମିତା ନାୟକ, କୁନି ଜେନା, ଲତା ନାୟକ, ମୀରା ନାୟକ, ରଜନୀ ଜେନା, କବିତା ଜେନା, କାମିନୀ ଜେନା, ଛବି ଜେନା, ଗୁଲାପ ନାୟକ, ସୁଜାତା ନାୟକ, ରଞ୍ଜନ ଜେନା, ସଞ୍ଜୁ ଜେନା, ସୁମି ନାୟକ ପ୍ରମୁଖ ଜିଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି।

# 'ଭିନ୍ନକ୍ଷମଙ୍କୁ ପ୍ରୋତ୍ସାହିତ କରାଯାଉଛି'

ଢେଙ୍କାନାଳ ଅଫିସ, ୨୮।୪


ମନ୍ତ୍ରୀଙ୍କ ଉପସ୍ଥିତିରେ ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

ଢେଙ୍କାନାଳ ପୁରୁଣା ଜିଲା ଚିକିତ୍ସାଳୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା' ଦ୍ୱାରା ପରିଚାଳିତ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପକ୍ଷରୁ ଶୁକ୍ରବାର ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଲେ, ଦିବ୍ୟାଙ୍ଗମାନେ ହେଉଛନ୍ତି ଈଶ୍ୱରଙ୍କ ସଦୃଶ। ସରକାରୀ ଯୋଜନାରେ ଭିନ୍ନକ୍ଷମଙ୍କୁ ସହାୟତା ଯୋଗାଇବାରେ 'ଐରା' ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛି। ଦିବ୍ୟାଙ୍ଗମାନେ ଯେପରି ମୁଖ୍ୟସ୍ରୋତରେ ସାମିଲ ହେବେ ସେଥିଲାଗି ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ରାଜ୍ୟ ସରକାର ଚେଷ୍ଟିତ ଥିବା ମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ।

ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସୟଦ ଅବଦୁଲ ସଫିକ୍, ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ସାଇକମଳୀ ପୃଷ୍ଟି, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁରେଶ କୁମାର ପଣ୍ଡା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ଐରା'ର ମୁଖ୍ୟ ସଂଯୋଜକ ଗୋଲେଖ ବିହାରୀ ପାଣିଗ୍ରାହୀ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ପ୍ରସନ୍ନ ପଣ୍ଡା, ସୀତାଂଶୁ ପଣ୍ଡା, ସୌମ୍ୟା ମିଶ୍ର, ଅଭିଜିତ୍ ଅଭିନନ୍ଦନ, ବିବେକ ନାୟକ, ଆନନ୍ଦ ପୋଦ୍ଦାର, ବିଶ୍ୱଜିତ ଜେନା, ସମାପ୍ତିକା ଜେନା, ମନୀଷା ସିଂ, ଶୁଚିସ୍ମିତା ସେନ, ସୁଶ୍ରୀ ନନ୍ଦ, ଜ୍ଞାନରଞ୍ଜନ ନାୟକ, ମଧୁସ୍ମିତା ପଣ୍ଡା, ରତ୍ନପ୍ରଭା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


କଳସ ଯାତ୍ରାରେ ଶ୍ରଦ୍ଧାଳୁମାନେ।

# ଶନିଶ୍ଚର ମହାଗ୍ରହ ଯଜ୍ଞ

**ଢେଙ୍କାନାଳ ଅଫିସ, ୨୮।୪:** ଢେଙ୍କାନାଳ ଜୁବିଲି ଟାଉନ୍ ରୋଡ୍ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୫ ଦିନିଆ ଚଣ୍ଡୀଯଜ୍ଞ ଏବଂ ଶନିଶ୍ଚର ମହାଗ୍ରହ ଯଜ୍ଞ। ଏହି ଉପଲକ୍ଷେ ଆୟୋଜିତ କଳସ ଯାତ୍ରାରେ ୧୦୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ଭାଗୀରଥି ସାଗରରେ ପୂଜାର୍ଚ୍ଚନା ପରେ ଜଳପୂର୍ଣ୍ଣ କଳସ ଧରି ଶ୍ରଦ୍ଧାଳୁମାନେ ପୀଠରେ ପହଞ୍ଚିଥିଲେ। ଏହାପରେ ଅଙ୍କୁରାରୋପଣ, ଅଧିବାସ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ଅବସରରେ ବିଭିନ୍ନ ଦିବସରେ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ହେବ। ମୁଖ୍ୟ ପୂଜକ ରାଜକିଶୋର ମିଶ୍ର, ପଣ୍ଡିତ ପର୍ଶୁରାମ କର, ଶୁଭେନ୍ଦୁ କୁମାର ଦାଶ, ବେଣୁଧର ନନ୍ଦ, ସ୍ମୃତିରଞ୍ଜନ ନନ୍ଦ, କାମେଶରତ୍ନ ନନ୍ଦ, ବିଷ୍ଣୁଚରଣ ଆଚାର୍ଯ୍ୟ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଉଛନ୍ତି। ଶିଶିର ବାରିକ, ସସ୍ମିତା ବାରିକ, ସରୋଜ ମହାନ୍ତି, ବୁନୁ ବରାଳ, ମଙ୍ଗୁଳି ଚରଣ ସାହୁ, ରେବତୀ ସାହୁ ପ୍ରମୁଖ କର୍ତ୍ତା ଅଛନ୍ତି। ଅକ୍ଷୟ ଆଚାର୍ଯ୍ୟ, ସାଗର ପଟ୍ଟନାୟକ, ସୁଶାନ୍ତ ବାରିକ, ବିଚିତ୍ର ବରାଳ, ଦେବାଶିଷ ପଟ୍ଟନାୟକ, ବିଜୟ ତୁଙ୍ଗ, ଅଜିତ ମହାପାତ୍ର ପ୍ରମୁଖ ସମସ୍ତ କମିଟି ସଦସ୍ୟ ପରିଚାଳନା ଦାୟିତ୍ୱରେ ଅଛନ୍ତି।



## ସଂକ୍ଷେପରେ

### ଭାଗବତ ପାରାୟଣ ନାମଯଜ୍ଞ ଉଦ୍‌ଯାପିତ

ଆଠମଲ୍ଲିକ, ୨୮।୪ (ଡି.ଏନ.ଏ.): ଆଠମଲ୍ଲିକ ଅଞ୍ଚଳର ଇଷ୍ଟଦେବୀ ମା' ମାହେଶ୍ୱରୀ ମନ୍ଦିର ପରିସରରେ ଗତ ୨୨ତାରିଖି ଠାରୁ ଆରମ୍ଭ ହୋଇଥିବା ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ ଶୁକ୍ରବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ୭ଦିନ ବ୍ୟାପି ପ୍ରବଚନ କାର୍ଯ୍ୟକ୍ରମରେ ବ୍ୟାସ ଭାବେ ପଣ୍ଡିତ ଲୋକନାଥ ପଣ୍ଡା ଓ ପ୍ରବଚକ ଭାବେ ବାବା ଅଚ୍ୟୁତା ନନ୍ଦ ଦାସ ମହାରାଜ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ରାଧାମୋହନ ତ୍ରିପାଠୀ, ଚିତ୍ତରଞ୍ଜନ ପାଣିଗ୍ରାହୀ, ବିଶ୍ୱଜିତ ପୁରୋହିତ, ରଶ୍ମିରଞ୍ଜନ ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲା ବେଳେ କର୍ତ୍ତା ଭାବେ ପ୍ରକାଶ ଚନ୍ଦ୍ର ମିଶ୍ର ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଆଧାତ୍ମିକ ପରିବେଶରେ ବ୍ୟାସ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀମଦ୍ ଭାଗବତ କଥାମୃତ ଶ୍ରବଣ ସକାଶେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହୁଥିଲା। ପ୍ରବଚନ ସମିତି ସଭାପତି ସୁରେଶ ଚନ୍ଦ୍ର ଦାସ, ସମ୍ପାଦକ ମନୋଜ କର୍ମୀ, ବରିଷ୍ଠ ସଭ୍ୟ ଦୁଃଖବନ୍ଧୁ ସାହୁ, ଭବାନୀ ମିଶ୍ର, ସତ୍ୟାନନ୍ଦ ସାହୁ, ରଘୁନାଥ ପୁରୋହିତ, କୈଳାସ ସାହୁ, ସୁବୋଧ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରତ୍ୟେହ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଅନୁଗୋଳ ପୋଲିସ ହାତରେ ସାଇବର ଠକ

■ଜଗତସିଂହପୁରରୁ କଲା ଗିରଫ
■୪ ସିମ୍, ୬ ଏଟିଏମ୍ କାର୍ଡ ଜବତ

ଅନୁଗୋଳ ଅଫିସ, ୨୮।୪

କେତେବେଳେ ମେଡିକାଲ ଆଳ ଦେଖାଉଥିଲେ ତ ଆଉ କେବେ ପାରିବାରିକ ସମସ୍ୟା, ଲଟେରି ଉଠିଛି କହି କୌଶଳ କ୍ରମେ ଲୋକଙ୍କ ଠାରୁ ଠଙ୍କା ଠକେଇ କରୁଥିବା ଜଣେ ସାଇବର ଠକଙ୍କୁ ଜଗତସିଂହପୁରରୁ ଗିରଫ କରିଛି ଅନୁଗୋଳ ସଦର ଥାନା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ଜଗତସିଂହପୁର ଜିଲା ନାଉଗାଁ ଥାନା ଜାମୁଗାଁ ଗ୍ରାମର ପ୍ରକାଶ ମଲିକ(୨୮)। ତାଙ୍କ ନିକଟରୁ ୨ଟି ମୋବାଇଲ ଫୋନ୍ ସହ ୪ଟି ସିମ୍ ଓ ୬ ଏଟିଏମ୍ କାର୍ଡ ଜବତ କରାଯାଇଛି। ଅନୁଗୋଳ ସଦର ଥାନା କୁମଣ୍ଡ ଗ୍ରାମର ବିଶ୍ୱମ୍ଭର ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୭/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

ପୋଲିସ କହିଛି, ଗତ ୨୧ ତାରିଖରେ ଅନୁଗୋଳ ସଦର ଥାନା କୁମଣ୍ଡ ଗ୍ରାମର ବିଶ୍ୱମ୍ଭର ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।


ଗିରଫ ଅଭିଯୁକ୍ତ ପ୍ରକାଶ ମଲିକ।

ଅଭିଯୋଗରେ ସେ ଦର୍ଶାଇଥିଲେ, ଗତ ୨ ତାରିଖରେ ଏକ ଅଜଣା ନମ୍ବରରୁ ତାଙ୍କୁ ଫୋନ୍ ଆସିଥିଲା। ଫୋନ କରିଥିବା ଠକ ଜଣକ ତାଙ୍କୁ ବନ୍ଧୁ ବୋଲି ପରିଚୟ ଦେଇ ପୁତୁରା ଅବସ୍ଥା ସଙ୍କଟାପନ୍ନ ଥିବାରୁ କିଛି ଅର୍ଥ ସାହାଯ୍ୟ ମାଗିଥିଲେ। ମେଡିକାଲରୁ ଫେରିବା ପରେ ଅର୍ଥ ଫେରାଇ ଦେବେ ବୋଲି କହିଥିଲେ। ତେଣୁ ଠକ ଦେଇଥିବା ଏକ ଫୋନ ପେ ଆକାଉଣ୍ଟ ଜରିଆରେ ସେ ୪ ଥରରେ ୫୦ ହଜାର ଟଙ୍କା ପଠାଇଥିଲେ। ତେବେ ପ୍ରକୃତ ବନ୍ଧୁଙ୍କ ସହ ଭେଟ ହେବା ପରେ ସେ ଠକେଇର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଲିଖିତ ଅଭିଯୋଗ ପାଇବା ପରେ ପୋଲିସ ଖୋଳତାଡ଼ କରିଥିଲା। ଜଗତସିଂହପୁରରୁ ଏହି ଠକେଇ ହୋଇଥିବା ଜଣାପଡ଼ିବା ପରେ ଅନୁଗୋଳ ସାଇବର ଥାନାର ଏକ ଟିମ୍ ନାଉଗାଁ ଥାନା ଜାମୁଗାଁ ଗ୍ରାମର ପ୍ରକାଶଙ୍କୁ ଉଠାଇ ଆଣି ପଚରା ଉଚରା କରିଥିଲା। ଅଭିଯୋଗକାରୀ ବିଶ୍ୱମ୍ଭରଙ୍କ ଠାରୁ ନେଇଥିବା ଟଙ୍କା ସାଇବର ଠକ ପ୍ରକାଶଙ୍କ ସ୍ତ୍ରୀ ଆକାଉଣ୍ଟକୁ ଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ପ୍ରକାଶଙ୍କ ସ୍ତ୍ରୀ ଓ ତାଙ୍କ ମା'ଙ୍କ ଆକାଉଣ୍ଟକୁ ସିଜ୍ ସହ ଏଟିଏମ୍ କାର୍ଡ ଜବତ କରାଯାଇଥିଲା। ପ୍ରକାଶଙ୍କ ନାମରେ ଜଗତସିଂହପୁର ଓ କଟକ ଥାନାରେ ଏକାଧିକ ଅଭିଯୋଗ ରହିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ଏହି ଘଟଣାରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ରହିଥିବା ନେଇ ପୋଲିସ ତଥ୍ୟ ପାଇଛି।

## ମାରପିଟ ଅଭିଯୋଗରେ ୪ ଗିରଫ

ଛେଣ୍ଡିପଦା,୨୮।୪(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଜରପଡା ଥାନା ଓଗୀ ଗ୍ରାମରେ ବାଡ଼ ଦେବାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ମାରପିଟ ହୋଇ ୪ଜଣ ଗୁରୁତର ହୋଇଥିଲେ। ପୋଲିସ ତଦନ୍ତ କରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଓଗୀ ଗ୍ରାମର ଅମୂଲ୍ୟ ନାଏକ ଓ ତାଙ୍କ ଭାଇ ଲକ୍ଷ୍ମଣ ନାଏକ ଶ୍ରମିକଙ୍କ ଦ୍ୱାରା ବାଡ ଦେଉଥିଲେ। ଏହି ସମୟରେ ସେହି ଗ୍ରାମର ରମେଶ ବେହେରା, ସରୋଜ ବେହେରା, ଦୁଃଖବନ୍ଧୁ ବେହେରା ଓ ହରିହର ବେହେରା ପହଞ୍ଚି ବାଡ଼ ଦେବାକୁ ମନା କରିଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦୁଃଖବନ୍ଧୁ ବାଉଁଶ ବାଡିରେ ଅମୁଲ୍ୟଙ୍କୁ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ସେହିପରି ସରୋଜ ଲକ୍ଷ୍ମଣଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। ଏ ନେଇ ଅମୂଲ୍ୟ ଓ ଲକ୍ଷ୍ମଣ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୨ରେ ମାମଲା ରୁଜୁ କରି ଶୁକ୍ରବାର ଅଭିଯୁକ୍ତ ରମେଶ, ସରୋଜ, ଦୁଃଖବନ୍ଧୁ ଓ ହରିହରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କର

ତାଳଚେର, ୨୮।୪ (ନି.ପ୍ର.)

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଶୁକ୍ରବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ଜ୍ୟୋତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଛାତ୍ରୀଛାତ୍ରଙ୍କ ନିମନ୍ତେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ପାଇଁ ଶିକ୍ଷୟିତ୍ରୀଶିକ୍ଷକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଓଡ଼ିଆ ଭାଷା ଭିତ୍ତିକ ସତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ଅନ୍ତର୍ଯ୍ୟାମୀ ସାହୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଓ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସୁଧାଂଶୁ କୁମାର ସ୍ୱାଇଁଙ୍କ ଦ୍ୱାରା କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସାଗରିକା ନାୟକ ମଧୁବାବୁଙ୍କ ରଚିତ କବିତା ଆବୃତ୍ତି କରିଥିଲେ। ଶିକ୍ଷକ କରୁଣାକର ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅର୍ପନା ଦାସ, କ୍ରିଷ୍ଣା ପାଣି, ଦୀପକ କୁମାର ମହାନ୍ତି, ପ୍ରତିମା ଆଚାର୍ଯ୍ୟ, ଚିତ୍ତରଞ୍ଜନ କର, ସୁନନ୍ଦା ଦାସ, ଦୀପକ କୁମାର ମହାନ୍ତି, ସୀମାଞ୍ଚଳ ପତି, ରବି ନାରାୟଣ ପଣ୍ଡା, ବିବେକାନନ୍ଦ ସାହୁ, ମାନସ ରଞ୍ଜନ ମିଶ୍ର, ଗୋପୀନାଥ ସାହୁ, ପ୍ରକାଶ ଚନ୍ଦ୍ର ବେହେରା, ମାନସୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।


ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

## କ୍ରିମିନାଲ ବାର୍ ପକ୍ଷରୁ ମଧୁ ଜୟନ୍ତୀ

ବଇଣ୍ଡା,୨୮।୪(ଡି.ଏନ.ଏ.)

ଆଠମଲ୍ଲିକ କ୍ରିମିନାଲ ବାର୍ ଆସୋସିଏଶନ ପକ୍ଷରୁ ଶୁକ୍ରବାର ବାର୍ ପରିସରରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଅଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘ ସଭାପତି ଘନଶ୍ୟାମ ବେହେରା, ସୁରେନ୍ଦ୍ର ପ୍ରଧାନ, ସଚିଦାନନ୍ଦ ପ୍ରାଣିଗ୍ରାହୀ, ସବ୍ୟସାଚୀ ସିଂ ସାମନ୍ତ, କୁମୁଦ ପ୍ରଧାନ, ପ୍ରଭଞ୍ଜନ ମିଶ୍ର, ଅଜିତ ମହାନ୍ତି, ବନ୍ଦିତା ମିଶ୍ର, କୁମୁଦ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ ମଧୁବାବୁଙ୍କ ଫଟୋରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଠମଲ୍ଲିକ ବାର ଆସୋସିଏଶନ ସଦସ୍ୟ ପ୍ରମୋଦ ପ୍ରଧାନ ନୂତନ ଭାବେ ବାର୍‌ରେ ଯୋଗ ଦେଇଥିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରମୋଦଙ୍କ ଯୋଗଦାନ ଯୋଗୁ କ୍ରିମିନାଲ ବାର ଅଧିକ ଲୋକଙ୍କ ସେବା କରିବାରେ ଗୁରୁତ୍ୱ ଦେବ ବୋଲି ସଂଘ ସଭାପତି ବେହେରା କହିଛନ୍ତି।



# 'ମଧୁବାବୁ ଓଡ଼ିଆ ସ୍ୱାଭିମାନର ଜନ୍ମଦାତା'

ଅନୁଗୋଳ ଅଫିସ, ୨୮।୪

ଅନୁଗୋଳ ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ସଭାଘର ଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଆୟୋଜିକ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ଜଷ୍ଟିସ ଗୌରୀଶଙ୍କର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ମୁଖ୍ୟବକ୍ତା ଭାବେ ଅନୁଗୋଳ ଜିଲା ଦୌରାଜଜ୍ ପ୍ରଣବ କୁମାର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଓକିଲ ସଂଘ ସଭାପତି ଦିଲୀପ କୁମାର ସାହୁ ଓ ସାଧାରଣ ସମ୍ପାଦକ ହିମାଂଶୁ ଭୂଷଣ ସାମଲ ଉପସ୍ଥିତ ଥିଲେ।


ଅତିଥିମାନେ ଜୟନ୍ତୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ସେହିଭଳି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂହ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ସାଏ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ମଧୁ ବାବୁ ଥିଲେ ନାରୀ ସ୍ୱାଧିନତାର ସୂତ୍ରଧର ଏବଂ ଓଡ଼ିଆ ସ୍ୱାଭିମାନର ଜନ୍ମଦାତା। ନୂଆ ପିଲାମାନେ ଓକିଲାତି ପେସାକୁ ଆପଣାଉଛନ୍ତି। ଏହା ଆମ ସମାଜ ପାଇଁ ଶୁଭ ସଙ୍କେତ। ପରେ ଅନୁଗୋଳ ଓକିଲ ସଂଘ ସଭ୍ୟମାନଙ୍କ ଦ୍ୱାରା 'ତାହା ହିଁ ଜୀବନ' ନାଟକ ମଞ୍ଚସ୍ଥ ହୋଇଥିଲା।

## ଭାଲୁ ଆକ୍ରମଣରେ ୨ ମହିଳା ଗୁରୁତର

ବଇଣ୍ଡା,୨୮।୪(ଡି.ଏନ.ଏ.)

କିଶୋରନଗର ଥାନା ତୁରୁଡ଼ା ଗ୍ରାମରେ ଶୁକ୍ରବାର ଭାଲୁ ଆକ୍ରମଣରେ ୨ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅରୁନ୍ଧତୀ ସାହୁ, ସୁଆଗୀ ବିଶ୍ୱାଳ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ଅରୁନ୍ଧତୀଙ୍କ ଅବସ୍ଥା ଗୁରୁତର ହୋଇ ପଡିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ୨ ମହିଳା ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବାବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ସିଲେଇ ମେଶିନ, ଗ୍ରାଇଣ୍ଡର ବଣ୍ଟନ

ଅନୁଗୋଳ ଅଫିସ, ୨୮।୪

ରୋଟାରି କ୍ଲବ ଅନୁଗୋଳ ରୟାଲ ପକ୍ଷରୁ ସହରର କେତେଜଣ ସ୍ୱାବଲମ୍ବୀ ମହିଳାଙ୍କୁ ସିଲେଇ ମେଶିନ ଏବଂ ଗ୍ରାଇଣ୍ଡର ପ୍ରଦାନ କରାଯାଇଛି। କ୍ଲବ ସଭାପତି ହରଗୋବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ନିକଟସ୍ଥ ମାନବ ସେବାଶ୍ରମ, ଜଳି ବେହେରା ଏବଂ ସସ୍ମିତା ନାୟକଙ୍କୁ ଗ୍ରାଇଣ୍ଡର ଏବଂ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ଏହି ସାମଗ୍ରୀ ଦ୍ୱାରା ସମ୍ପୃକ୍ତ ମହିଳାମାନେ ନିଜକୁ ଆତ୍ମନିର୍ଭରଶୀଳ କରାଇ ପାରିବେ ବୋଲି କ୍ଲବ ସଭାପତି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପ୍ରଭାତ କୁମାର ପଣ୍ଡା, ବିଶ୍ୱଜିତ ପଟ୍ଟନାୟକ, ଅନିଲ ଗୁପ୍ତା, ମୁରାରି ଲାଲ ଅଗ୍ରୱାଲ, ଅମ୍ବିକା ପ୍ରସାଦ ସାହୁ, ମିଳନ କୁମାର ଅଗ୍ରୱାଲ ଏବଂ ରାଜେଶ ସରଳିଆ ଉପସ୍ଥିତ ଥିଲେ।



ରୋଟାରି କ୍ଲବ ଅନୁଗୋଳ ରୟାଲ ପକ୍ଷରୁ ମହିଳାମାନଙ୍କୁ ସାମଗ୍ରୀ ପ୍ରଦାନ କରାଯାଉଛି।

## ଏନ୍‌ଟିପିସିରେ ଛାତ୍ରୀ ସଶକ୍ତୀକରଣ ମିଶନ

କଣିହାଁ,୨୮।୪(ଡି.ଏନ.ଏ.)

କଣିହାଁ ଏନ୍‌ଟିପିସିଠାରେ ବାର୍ଷିକ ଛାତ୍ରୀ ସଶକ୍ତୀକରଣ ମିଶନ (ଜିଇଏମ୍)–୨୦୨୩ର ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ 'ବେଟି ବଚାଓ ବେଟି ପଢାଓ' ଡାକରାକ୍ରମେ ୨୦୧୮ରୁ ଏନ୍‌ଟିପିସି ପକ୍ଷରୁ ପଡ଼ୋଶୀ ବିଦ୍ୟାଳୟର ଛାତ୍ରୀମାନଙ୍କୁ ପାଠପଢାରେ ସଶକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦେଶରେ ୫ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କ ମଧ୍ୟରୁ ୨୩୦୦ ଜଣଙ୍କ ତାଲିକାଭୁକ୍ତ କରି ୩୫ଟି ସେଣ୍ଟରରେ ୪ ସପ୍ତାହ ବ୍ୟାପୀ ପ୍ରଶିକ୍ଷଣ ଦିଆଯାଇଛି। ଏହି ଜିଇଏମ୍ ପ୍ରୋଗ୍ରାମକୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ଇନ୍ କ୍ୟାମ୍ପ କାର୍ଯ୍ୟକଳାପ, ପ୍ରି–କ୍ୟାମ୍ପ କାର୍ଯ୍ୟକଳାପ ଏବଂ ପୋଷ୍ଟ କ୍ୟାମ୍ପ କାର୍ଯ୍ୟକଳାପ। କଣିହାଁଠାରେ ସରକାରୀ ବିଦ୍ୟାଳୟମାନଙ୍କରୁ ଆସିଥିବା ୨୦ ପ୍ରତିଯୋଗୀଙ୍କ ମଧ୍ୟରୁ



୬ ଜଣ ପ୍ରତିଭାବାନ ଛାତ୍ରୀଙ୍କୁ ଚୟନ କରାଯାଇ ପ୍ରି–କ୍ୟାମ୍ପ କରାଯାଇଥିଲା। ଛାତ୍ରୀମାନଙ୍କୁ ସମସ୍ତ ମୌଳିକ ସୁବିଧା ମିଳିବା ସହ ସ୍ୱାସ୍ଥ୍ୟପରୀକ୍ଷା ଏହି କ୍ୟାମ୍ପରେ କରାଯାଇଥିଲା। ଗ୍ରାମାଞ୍ଚଳର ଛାତ୍ରୀମାନେ ନିଜ ନିଜର ଦକ୍ଷତା ଶିବିରରେ ଦେଖାଇପାରିବେ। ଏନ୍‌ଟିପିସି ତରଫରୁ ଜୋତା, ପାଠ୍ୟ ଉପକରଣ, ୟୁନିଫର୍ମ ଆଦି ଛାତ୍ରୀଙ୍କୁ ଯୋଗାଇ ଦିଆଯାଇଛି। ମେ ୨ୟ ସପ୍ତାହରେ ୨୦ଟି ସ୍ଥାନୀୟ ସ୍କୁଲର ୧୨୦ ଛାତ୍ରୀଙ୍କୁ ନେଇ ଗ୍ରୀଷ୍ମ ଶିବିର ଚାଲିବ। ଯେଉଁଥିରେ ଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ନିଜକୁ ସାମିଲ କରିପାରିବେ।

## ଅଗ୍ନି ବିପନ୍ନଙ୍କୁ ସହାୟତା

ବଇଣ୍ଡା,୨୮।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ନୁନୁକାପଶି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଚନ୍ଦ୍ର ମୁଣ୍ଡା ଓ ନରେନ୍ଦ୍ର ମୁଣ୍ଡାଙ୍କ ୪ ବଖରା ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ପଞ୍ଚାୟତ ପକ୍ଷରୁ ସରପଞ୍ଚ ଦୀପ୍ତିମୟୀ ସାହୁ, ସମିତିସଭ୍ୟା ମାନସୀ ପ୍ରଧାନ, ୱାର୍ଡ ମେମ୍ବର ମିଟୁ ବେହେରା, ରଞ୍ଜନ ସାହୁ, ବଇଣ୍ଡା ରାଜସ୍ୱ ଅଧିକାରୀ ଆନନ୍ଦ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଚାଉଳ, ଚିନି, ଚୁଡ଼ା, ଡାଲି, ପିନ୍ଧା ବସ୍ତ୍ର, ଜରି ପାଲ ଆଦି ବଣ୍ଟନ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ଅଗ୍ନିବିପନ୍ନଙ୍କୁ ପଞ୍ଚାୟତ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

## ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ

ତାଳଚେର, ୨୮।୪ (ନି.ପ୍ର.)

ତାଳଚେର ଓକିଲ ସଂଘ ପକ୍ଷରୁ ମଧୁବାବୁ ସମ୍ମିଳନୀ କକ୍ଷ ଠାରେ ଶୁକ୍ରବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନନୀବୀ ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘ ଅନ୍ତରିଣ କମିଟି ତରଫରୁ ବରିଷ୍ଠ ଆଇନଜୀବୀ ଅରୁଣ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ୍ୱର ରାଏ, ବିଶ୍ୱେଶ୍ୱର ମିଶ୍ର ଓ ରାମକୃଷ୍ଣ ନନ୍ଦ ମଞ୍ଚାସୀନ ଥିଲେ। ତାଳଚେର ବିଚାର ବିଭାଗୀୟ ଅଧିକାରୀ ସିଭିଲ ଜଜ୍ ସିନିୟର ଡିଭିଜନ ବବିତା ଦାସ, ଅତିରିକ୍ତ ସିଭିଲ ଜଜ ସିନିୟର ଡିଭିଜନ ସନ୍ଧ୍ୟା ରଥ ଓ ଏସ୍‌ଡିଜେଏମ୍ ଲୋକନାଥ ମିଶ୍ର ଅତିଥି ଭାବେ ଯୋଗଦେଇ ମଧୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ଅରୁଣ ଶଙ୍କର ମିଶ୍ର ତାଳଚେର ଓକିଲ ସଂଘ ଏକ ଆଦର୍ଶ ସଂଘ ହିସାବରେ କିପରି ସୁନାମ ଅର୍ଜନ କରିବ ତା'ଉପରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ସିଭିଲ ଜଜ୍ ସିନିୟର ଡିଭିଜନ ସନ୍ଧ୍ୟା ରଥଙ୍କୁ ଓକିଲ ସଂଘ ତରଫରୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଯଦୁମଣି ସାହୁ, ହରେକୃଷ୍ଣ ପାତ୍ର, ଅନୁପ କୁମାର ସେନଗୁପ୍ତା, ଛବି କୁମାର ସାହୁ, ପ୍ରଭାତିନୀ ଆଚାର୍ଯ୍ୟ, ଜ୍ଞାନରଞ୍ଜନ ପାଣି, କୁମୁଦ ରଞ୍ଜନ ମିଶ୍ର, ମହମ୍ମଦ ଇକବାଲ ପ୍ରମୁଖ ମଧୁବାବୁଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ସଂଘର ବରିଷ୍ଠ ସଦସ୍ୟ ବିଶ୍ୱେଶ୍ୱର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଅସହାୟଙ୍କୁ ଉଚିତ ନ୍ୟାୟ ଦେବାକୁ ଆହ୍ୱାନ

ଛେଣ୍ଡିପଦା,୨୮।୪(ସ୍ୱ.ପ୍ର.)

ଛେଣ୍ଡିପଦା ଓକିଲ ସଂଘ ପକ୍ଷରୁ ଶୁକ୍ରବାର କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଆଇନଜୀବୀ ନଗେନ କୁମାର ନନ୍ଦଙ୍କ ନେତୃତ୍ୱରେ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ସରୋଜ କୁମାର ସାହୁ, ମୁଖ୍ୟବକ୍ତା ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ସଭାପତି ଡ. ଧରଣୀଧର ନାଥ ଓ ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ତନ୍ୱି ରଥ ପ୍ରମୁଖ ଯୋଗଦେଇଥିଲେ। ସୁଶ୍ରୀ ନାଏକ ମଞ୍ଚ ପରିଚାଳନା କରିଥିଲେ। ସଂଘ ସଭାପତି ଅତିଥି ପରିଚୟ, ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଗରିବ, ଅସହାୟମାନଙ୍କୁ ଉଚିତ ନ୍ୟାୟ ଦେଇ କଚେରିର ସମ୍ମାନ ରକ୍ଷା ସହ ଆଇନଜୀବୀମାନଙ୍କୁ ଆଗକୁ ବଢ଼ିବାକୁ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ସଂଘ ସହ ସମ୍ପାଦକ ନିକୁଞ୍ଜ କିଶୋର ପ୍ରଧାନ, କୋଷାଧକ୍ଷ ଅଶୋକ କୁମାର ଦ୍ୱିବେଦୀ, ଭୋଳେଶ୍ୱର ବେହେରା, ରାଜକିଶୋର ସାହୁ, ପଦ୍ମନାଭ ମାଝି, ସୁଶୀଳ କୁମାର ପ୍ରଧାନ, ବସନ୍ତ କୁମାର ପ୍ରଧାନ, ଭଜମନ ଗଡନାୟକ, ଉତ୍କଳ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘ ଉପସଭାପତି ନକୁଳ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।



ମଧୁ ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥିମାନେ।

